## ୩୦ ହଜାର ଗଞ୍ଜେଇ ଗଛ ନଷ୍ଟ

ପଦ୍ମପୁର/ରାୟଗଡ଼ା ଅଫିସ,୭।୨(ଡି.ଏନ୍.ଏ.): ରାୟଗଡ଼ା ଜିଲା ପଦ୍ମପୁର ଥାନା ଅଧୀନ ରେଡ଼ିଙ୍ଗାଗୁଡ଼ା ଗ୍ରାମରେ ପୋଲିସ ୩୦ ଏକର ଜମିରେ ୩୦ହଜାର ଗଞ୍ଜେଇ ଗଛ ନଷ୍ଟ କରିଛି। ଏହାର ମୂଲ୍ୟ ୩ କୋଟି ୬୦ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏ ନେଇ ପଦ୍ମପୁର ଥାନାରେ ୧୬/୨୧ରେ ଏକ ମାମଲା ରୁଜୁ ହୋଇଛି।

**ସଂକ୍ଷେପରେ**

## ଦୁଇ ବାଇକ୍ ମୁହାଁମୁହିଁ, ଜଣେ ମୃତ

ଚନ୍ଦାହାଣ୍ଡି,୭।୨(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଝରିଗାଁ-ଚନ୍ଦାହାଣ୍ଡି ଚଚରାଘାଟି ନିକଟରେ ରବିବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ, ସନ୍ଧ୍ୟାରେ ଝରିଗାଁ ଥାନା ଅଧୀନ କାଣ୍ଡସର ଗ୍ରାମର ସାଧୁରାମ ଗୌଡ଼ ଏବଂ ସୋମବାରୁ ଗୌଡ଼ ବାଇକ୍ ଯୋଗେ ଭଉଣୀର ବିବାହ କାର୍ଡ ନେଇ ଛତିଶଗଡ଼ର କଛାରପରାରୁ କାଣ୍ଡସର ଫେରୁଥିଲେ। ଏହି ସମୟରେ ବୋକଡାମୁଣ୍ଡି ଗ୍ରାମର ଦୁଇ ଭାଇ ରମେଶ ଗୌଡ଼ ଓ କ୍ଷମା ଗୌଡ଼ ଦେଓବନ୍ଧ ଯିବାବେଳେ ଚଚରାଘାଟି ନିକଟରେ ଦୁଇ ବାଇକ ମୁହାଁମୁହିଁ ହୋଇଥିଲେ। ଘଟଣାସ୍ଥଳରେ ବାଇକ୍ ଚାଳକ କ୍ଷମା ଗୌଡ଼ଙ୍କ ମୃତ୍ୟୁ ଘଟିଛି। ସେହିପରି ରମେଶ ଓ ସାଧୁରାମ ଗୁରୁତର ଆହତ ହୋଇଛନ୍ତି। ଖବରପାଇ ଦେଓବନ୍ଧ ଗ୍ରାମର ସାମାଜିକ କର୍ମୀ ସନ୍ତୋଷ ପଟ୍ଟନାୟକ ୧୦୮ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗକୁ ଖବର ଦେବାପରେ ଗୁରୁତର ଓ ମୃତକଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଛି। ପୋଲିସ ପହଞ୍ଚି ଦୁଇ ବାଇକ୍ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ପିକ୍‌ଅପ ଭ୍ୟାନ ଓଲଟି ୨୦ ଆହତ

କାଶୀପୁର,୭।୨(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ଥାନା ଅଧୀନ ସୁରଗୁଞ୍ଜା ଗ୍ରାମରେ ସଡ଼କ ଦୁର୍ଘଟଣାରେ ୨୦ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଏକ ମ୍ୟାକ୍ସ ପିକ୍‌ଅପ କଳାହାଣ୍ଡିରୁ କାଶୀପୁର ଦିଗକୁ ଯିବା ସମୟରେ କୌଣସି କାରଣରୁ ମୁଖ୍ୟ ରାସ୍ତାରେ ଓଲଟି ପଡ଼ିଥିଲା। ଏଥିରେ ଥିବା ୨୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଖବର ପାଇ କାଶୀପୁର ଥାନାଧିକାରୀ ଏବଂ ପୋଲିସ ଟିମ୍ ପହଞ୍ଚି ଅଗ୍ନିଶମ ବାହିନୀ ସାହାଯ୍ୟରେ ଆହତଙ୍କୁ ଉଦ୍ଧାର କରି କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଠାଇଥିଲେ।
ତେବେ ଆହତଙ୍କ ମଧ୍ୟରୁ ୫ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଯୋଗୁ ରାୟଗଡ଼ା-କଳାହାଣ୍ଡି ମୁଖ୍ୟରାସ୍ତାରେ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

## ବିଶ୍ୱକର୍ମା ମହାରଣା କୁଳ ସେବା ସଂଘ ପକ୍ଷରୁ ବୈଠକ

ଜୟପୁର,୭।୨(ନି.ପ୍ର.): ବିଶ୍ୱକର୍ମା ମହାରଣା କୁଳସେବା ସଂଘ ପକ୍ଷରୁ ଏହାର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଲୋକନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜୟପୁର ତାଲୁକା ସଭାପତି ଉଦୟନାଥ ମହାରଣା ସଭାପତିତ୍ୱ କରିଥିଲେ। ମାର୍ଚ୍ଚରୁ ବିଶ୍ୱକର୍ମା ମନ୍ଦିର କାର୍ଯ୍ୟ ପୁନଃ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ସାଧାରଣ ସମ୍ପାଦକ ସାହେବ ମହାରଣା ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ସେ ବିଧାୟକ ପାଣ୍ଠିରୁ ଅନୁଦାନ ମାଗିବା ପାଇଁ ପ୍ରସ୍ତାବ ଦେଇଥିଲେ। ବୈଠକରେ ଉମୁରୀର ରାମ ମହାରଣା, ରଘୁନାଥ ମହାରଣା, ସୂର୍ଯ୍ୟଭାନୁ ମହାରଣା, ପ୍ରକଶ ଚନ୍ଦ୍ର ମହାରଣା, ଦୁର୍ଗା ପ୍ରସାଦ ମହାରଣା, ଅଭିମନ୍ୟୁ ମହାରଣା, ଜଗନ୍ନାଥ ମହାରଣା, ପ୍ରଭାକର ମହାରଣା ଉପସ୍ଥିତ ଥିଲେ। ଶରତ ମହାରଣା ଧନ୍ୟବାଦ ଦେଇଥିଲେ।

## ଅଭିଭାବକଙ୍କୁ ନେଇ ବୈଠକ

ଜୟପୁର,୭।୨(ନି.ପ୍ର.): ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ନବମ ଶ୍ରେଣୀ ଛାତ୍ରୀ ଛାତ୍ରଙ୍କ ଅଭିଭାବକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୋମଠାରୁ ନବମ ଶ୍ରେଣୀର ଶିକ୍ଷାଦାନ ଆରମ୍ଭ ହେଉଥିବାରୁ ଅଭିଭାବକଙ୍କୁ ନେଇ ଏହି ବୈଠକ ହୋଇଥିଲା। ସରକାରଙ୍କ ପକ୍ଷରୁ ଜାରି ନିୟମାବଳୀ ଓ ସତର୍କତା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା। ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହିରାମଣି ଜାନିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ରକୁ ସିଏଚ୍‌ସି ମାନ୍ୟତା ଦାବି

ରାଇଘର,୭।୨(ଡି.ଏନ୍.ଏ.)



ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ର।

- ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ
- ଡାକ୍ତର, କର୍ମଚାରୀ ଅଭାବ ମୁଖ୍ୟ ସମସ୍ୟା
- ଛତିଶଗଡ଼ ଉପରେ ନିର୍ଭରଶୀଳ ରୋଗୀ

ନବରଙ୍ଗପୁର ଜିଲା ରାଇଘର ବ୍ଲକ୍‌ରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ରାଇଘରବାସୀ ଉନ୍ନତ ଚିକିତ୍ସା ସୁବିଧା ନିମନ୍ତେ ସୀମାନ୍ତ ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରୁଛନ୍ତି। ବିଶେଷ କରି ଡାକ୍ତର ଏବଂ କର୍ମଚାରୀଙ୍କ ଅଭାବ ଯୋଗୁ ରାଇଘରରେ ସ୍ୱାସ୍ଥ୍ୟ ସେବା ଏକପ୍ରକାର ଅଚଳ ହୋଇପଡ଼ିଥିବା ବାରମ୍ବାର ଅଭିଯୋଗ ହେଉଛି।

ରାଇଘର ବ୍ଲକ୍‌ରୁ ୨୪ କି.ମି. ଦୂର ହାଟଭରଣ୍ଡିଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି) ରହିଥିବାବେଳେ ରାଇଘର, ଗୋନା, କୁରାବେଡ଼ା, ଡୁରୁଡ଼ିହି, ଡୁମୁରିମୁଣ୍ଡା ଓ ଯୋଡ଼ିଙ୍ଗା ଠାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ରାଇଘର ବ୍ଲକ୍‌ର ୨୬ ପଞ୍ଚାୟତ ନିମନ୍ତେ ୬ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ହେଲେ ଏଠାରେ ମାତ୍ର ୬ ଡାକ୍ତରଙ୍କ ଉପରେ ୨୬ ପଞ୍ଚାୟତବାସୀ ନିର୍ଭରଶୀଳ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ସିଏଚ୍‌ସିରେ ଅଧିକ ଡାକ୍ତର ରହିଥିବାବେଳେ ସେହି ଅଞ୍ଚଳରେ ଜନସାଧାରଣ ତାହା ଉପରେ ନିର୍ଭରଶୀଳ ନୁହନ୍ତି। କିନ୍ତୁ ରାଇଘର ବ୍ଲକ୍ ସଦର ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୬ ପଞ୍ଚାୟତ ମଧ୍ୟରୁ ୨୦ ପଞ୍ଚାୟତବାସୀ ନିର୍ଭରଶୀଳ ହୋଇଥିଲେ ମଧ୍ୟ ଏଠାରେ ଜଣେ ମାତ୍ର ଡାକ୍ତର ନିୟୋଜିତ ଅଛନ୍ତି। ଅନ୍ୟ ୫ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଫାର୍ମାସିଷ୍ଟଙ୍କ ଦ୍ୱାରା ଚାଲିଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଗୁରୁତର ରୋଗୀ ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ର ଆସିବା ସମୟରେ କୌଣସି କର୍ମଚାରୀଙ୍କ ଦେଖା ମିଳୁ ନ ଥିବାରୁ ପ୍ରାଥମିକ ଚିକିତ୍ସା ହୋଇପାରୁନାହିଁ। ସ୍ୱାସ୍ଥ କେନ୍ଦ୍ରରେ ସକାଳ ସମୟରେ କିଛି କର୍ମଚାରୀ ଆସି କାର୍ଯ୍ୟ କରୁଥିବା ବେଳେ ୧୨ଟା ପରେ ଆଉ ଦେଖା ମିଳୁନାହିଁ। ଘରକୁ ଯାଇ ଡାକିଲେ କର୍ମଚାରୀମାନେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ମଧ୍ୟ କୁହାଯାଉଛି। ଏଭଳି ପରିସ୍ଥିତିରେ ଅନେକ ପ୍ରାଣ ହାନି ଘଟୁଛି। ଆଦିବାସୀ ଅଞ୍ଚଳର ନିରୀହ ରୋଗୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚ୍‌ସି)କୁ ସିଏଚ୍‌ସିରେ ପରିଣତ କରିବାକୁ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଉଛି।

ଅପରପକ୍ଷେ ସୀମାନ୍ତ ଅଞ୍ଚଳଗୁଡ଼ିକରେ ରହିଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ଏଠାକାର ରୋଗୀ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ଗରିବ ଓ ମଧ୍ୟବିତ୍ତ ପରିବାର କ୍ୱାକ୍ ଏବଂ ଗୁଣିଗାରେଡି ଭରସାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀ ରହିବା ନିମନ୍ତେ ସରକାରୀ କୋଠା ନିର୍ମାଣ ହୋଇଥିଲେ ମଧ୍ୟ ଏଠାରେ କର୍ମଚାରୀ ରହୁନାହାନ୍ତି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ସରକାରୀ କ୍ୱାର୍ଟର୍ସ ଭୂତ କୋଠିରେ ପରିଣତ ହେଉଛି। ଏବେ ମଧ୍ୟ ଅନେକ ସ୍ଥାନରେ ସରକାରୀ କୋଠା ନିର୍ମାଣ କାର୍ଯ୍ୟ ଜାରି ରହିଛି। ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ରକୁ ସିଏଚ୍‌ସି ନିମନ୍ତେ ଦାବି ଦୀର୍ଘଦିନର ହୋଇଥିଲେ ମଧ୍ୟ ତାହା ପୂରଣ ହେଉନାହିଁ। ଦୁର୍ଗମ ଅଞ୍ଚଳର ପିଏଚ୍‌ସିକୁ ଗର୍ଭବତୀ କିମ୍ବା ଗୁରୁତର ରୋଗୀ ଆସିଲେ ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଉଛି। ହେଲେ ଏଠାରେ ଡାକ୍ତର ଏବଂ କର୍ମଚାରୀ ଅଭାବ ଯୋଗୁ ଚିକିତ୍ସା ସେବା ବିଳମ୍ବ ହେବା ସହ ଗୁରୁତର ରୋଗୀଙ୍କୁ ଉମରକୋଟ ସ୍ଥାନାନ୍ତର କରାଯାଉଛି। ଯଦ୍ୱାରା ଅନେକ ସମୟରେ ବାଟରେ ରୋଗୀଙ୍କ ମୃତ୍ୟୁ ଘଟୁଛି। ଏଠାରେ ସମସ୍ତ ସୁବିଧା କରାଗଲେ ଅନେକ ରୋଗୀଙ୍କ ଜୀବନ ରକ୍ଷା ହୋଇପାରିବ ବୋଲି ମତପ୍ରକାଶ ପାଉଛି। ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ରକୁ ସିଏଚ୍‌ସି କରିବା ନିମନ୍ତେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ଦାବି ଉପସ୍ଥାପନ କରିବା ସହ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ମଧ୍ୟ ଲିଖିତଭାବେ ଜଣାଇଛନ୍ତି। ଜିଲା ପ୍ରଶାସନ ସହ ମଧ୍ୟ ଆଲୋଚନା କରିଛନ୍ତି। ସେହିପରି ଜିଲା କଂଗ୍ରେସ କମିଟି ପକ୍ଷରୁ ମଧ୍ୟ ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ର ସମସ୍ୟା ନେଇ ଅଭିଯୋଗ ହୋଇଥିଲା। କିନ୍ତୁ ଏ ଦିଗରେ କୌଣସି ସୁଫଳ ମିଳିନାହିଁ।

# ସମ୍ମାନିତ ହେଲେ ଜିଲାର ଯୁବ ପ୍ରତିଭା

**ଜୟ ନବରଙ୍ଗପୁର ସଂଘ ଗଠିତ**

ପାପଡ଼ାହାଣ୍ଡି,୭।୨(ଡି.ଏନ୍.ଏ.)

ଜିଲାରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଲକ୍ଷ୍ୟ ନେଇ ଜୟ ନବରଙ୍ଗପୁର ସଂଘ ଗଠିତ ହୋଇଛି। ପାପଡ଼ାହାଣ୍ଡି ଡାକବଙ୍ଗଳାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ପ୍ରାୟ ସମସ୍ତ ବ୍ଲକ୍‌ର ୩୦ରୁ ଊର୍ଦ୍ଧ୍ୱ ଯୁବକ ଏହି ଗ୍ରୁପ୍‌ରେ ସାମିଲ ହୋଇଛନ୍ତି। ପ୍ରଥମେ ମାଟି ତା'ପରେ ପାର୍ଟିରେ ସ୍ଲୋଗାନ ଦେଇ ଏଠାରେ ଜିଲାର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଜିଲାର ବିଭିନ୍ନ ଅଞ୍ଚଳର କେତେଜଣ ଯୁବ ପ୍ରତିଭାଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା। ଏଲ୍‌ଇଡି ବଲ୍‌ବ ତିଆରି କରି ଯୁବଗୋଷ୍ଠୀଙ୍କ ପାଇଁ ଉଦାହରଣ ପାଲଟିଥିବା ଝରିଗୁମାର ଯୁବ ଇଞ୍ଜିନିୟର ଶୁଭ ଶଙ୍କର ସାହୁ, ଅବସରପ୍ରାପ୍ତ ସୈନିକ ମନୋହର ସେନା, ନିଜର ସମସ୍ତ ଅଙ୍ଗଦାନ କରି ଚର୍ଚ୍ଚାକୁ ଆସିଥିବା ଦେବାଶିଷ ମହାନ୍ତି, କୃଷକଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରଖିଥିବା ବିକ୍ରମପୁରର କେଶବ ଭୋଳ, ସାମାଜିକକର୍ମୀ ମିଲୁ ପଣ୍ଡା, ପ୍ରକୃତିପ୍ରେମୀ ଅଭିଳାଷ ନାୟକ, ଶ୍ୟାମଲାଲ କଲାର୍, ଆଇନଜୀବୀ ସିରାଜୁଦ୍ଦିନ୍ ଅହମ୍ମଦ, ସାମାଜିକକର୍ମୀ ଜଗନ୍ନାଥ ବାଘେଙ୍କୁ ଏଠାରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ନିନିବାବୁ ତ୍ରିପାଠୀ, ସୁମିତ କୁମାର ଘଣ୍ଟ, ସୁମିତ ପାଳ ସଂଗ୍ରାମ ମହାପାତ୍ର, ଆଲୋକ ସାହୁ, ସଞ୍ଜୟ ସାହୁ , ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୫ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ


ଜବତ ଗଞ୍ଜେଇ ଓ ୨ ଗିରଫ ଅଭିଯୁକ୍ତ।

ମୁନିଗୁଡ଼ା/ରାୟଗଡ଼ା ଅଫିସ, ୭।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ପୋଲିସ ରବିବାର ଏକ କାର୍‌ରୁ ୧.୮ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଏକ ସ୍ୱିଫ୍ଟ ଡିଜାୟାର କାର୍‌ରେ ଗଞ୍ଜେଇ କେନ୍ଦୁଗୁଡ଼ାରୁ ମୁନିଗୁଡ଼ା ଦେଇ ଉତ୍ତର ପ୍ରଦେଶ ଚାଲାଣ ହେଉଥିବା ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ ସୂଚନା ପାଇଥିଲେ। ମୁନିଗୁଡ଼ା ଥାନାଧିକାରୀ ସୁଜ୍ଞାନୀ ସାହୁ ଏବଂ ପୋଲିସ ଟିମ୍ କାର୍(ୟୁପି୧୬ଏଏସ୍-୬୯୧୬)କୁ ପିଛା କରି ଅଟକାଇବା ସମୟରେ କାର୍‌ଟି ଦ୍ରୁତଗତିରେ ପଳାଇଥିଲା। ପରେ ପୋଲିସ ଟିମ୍ କାର୍‌ଟିକୁ ଟିକରପଡ଼ା ରେଲ୍‌ୱେ ଫାଟକ ନିକଟରେ ଧରିଥିଲା। ଯାଞ୍ଚବେଳେ ସେଥିରୁ ୪ ଟ୍ରଲି ବ୍ୟାଗ୍‌ରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପୋଲିସ ଗଞ୍ଜେଇ ଏବଂ କାର୍ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଦୀପକ କୁମାର(୩୦) ଏବଂ ପ୍ରତାପ ସିଂ(୩୪)ଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ନଂ. ୧୯/୨୧ରେ ଏକ ମାମଲା ରୁଜୁ ହୋଇଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।

# ଚନ୍ଦାହାଣ୍ଡିରେ କରୋନା ଯୋଦ୍ଧା ନେଲେ ଟିକା

ଚନ୍ଦାହାଣ୍ଡି, ୭।୨(ଡି.ଏନ୍.ଏ.)



ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ର।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ସଭାଗୃହରେ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ରବିବାର କରୋନା ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଡିଓ ଧର୍ମରାଜ ମାଝି ପ୍ରଥମେ ଟିକା ନେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିରେ ଚନ୍ଦାହାଣ୍ଡି ବ୍ଲକ୍ ଅଧ୍ୟକ୍ଷ ଟିକମ୍ ସିଂ ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବିଡିଓଙ୍କ ପରେ ଚନ୍ଦାହାଣ୍ଡି ତହସିଲଦାର ହୃଦାନନ୍ଦ ସିଂ ମାଝି, ଅତିରିକ୍ତ ତହସିଲଦାର ମାନସ କୁମାର ଘଡ଼େଇ, ଅଗ୍ନିଶମ ବିଭାଗର ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ସରପଞ୍ଚ ହର ପୂଜାରୀ, ଚେନସିଂ ମାଝି, ସସ୍ମିତା ମାଝି, ତପସ୍ୱିନୀ ମାଝି, ରୀନା ମାଝି, ଦଶରଥ ଧୁରୁଆ, ସମିତିସଭ୍ୟ ମଧୁସୂଦନ ପୂଜାରୀଙ୍କ ସମେତ ବହୁ ଲୋକ ପ୍ରତିନିଧି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରକାରୀ କର୍ମଚାରୀଙ୍କୁ ଟିକା ଦିଆଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ମନୀଷ ପୁରୋହିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ (ଆୟୁଷ) ଉପସ୍ଥିତ ରହି ଟିକାକାରଣ କାର୍ଯ୍ୟ ତଦାରଖ କରିଥିଲେ। ଏଲ୍‌ଏଚ୍‌ଭି ଶାନ୍ତିଲତା ରାମ, ମହିଳା ସ୍ୱାସ୍ଥ୍ୟ କର୍ମୀ ତୁନିଲତା ଦାଶ, ଭବାନୀ ନାୟକ ଟିକା ଦେଇଥିଲେ। ବ୍ଲକ୍ ଡାଟା ମ୍ୟାନେଜର ରିଙ୍କୁ ପ୍ରଧାନ ଏଥିରେ ସହଯୋଗ କରିଥିଲେ। ଏଠାରେ ୧୬୦ ଜଣଙ୍କୁ ଟିକା ପ୍ରଦାନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ୬୭ଜଣ ଟିକା ନେଇଥିବା ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦାୟିତ୍ୱରେ ଥିବା ବାହମଣି ହେମ୍ବ୍ରମ୍ ସୂଚନା ଦେଇଛନ୍ତି।

## ଦୁର୍ଘଟଣା ମୃତକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଡାବୁଗାଁ, ୭।୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ରାକେଶ ହେମ୍ବ୍ରମ୍, ଖବରଦାତା ସତ୍ୟଜିତ୍ ଏବଂ ତାଙ୍କ ବାପା ରାମେଶ୍ୱରଙ୍କ ଶୁକ୍ରବାର ବଲାଙ୍ଗୀର ଜିଲା ଦେଓଗାଁଠାରେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଶନିବାର ସକାଳ ୬ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଡାବୁଗାଁରେ ଦୋକାନ, ବଜାର ବନ୍ଦ ରହିଥିଲା। ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ମାଧ୍ୟମରେ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଡାବୁଗାଁ ଖବରଦାତା ସଂଘ ପକ୍ଷରୁ ମଧ୍ୟ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ଶିବିରରେ ଭତ୍ତା ନେଇ ଆବେଦନ କଲେ ଦିବ୍ୟାଙ୍ଗ

ମାଲକାନଗିରି, ୭।୨ (ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ମହାରାଜପାଲି ପଞ୍ଚାୟତର ଏମ୍‌ଭି-୮୮ ଗ୍ରାମ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଭୀମଭୋଇ ସାମର୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ପକ୍ଷରୁ ଆୟୋଜିତ ଶିବିରକୁ ସରପଞ୍ଚ ସବିତା ସୋଡି ଉଦ୍‌ଘାଟନ କରିଥିଲେ। ଡକ୍ଟର ଆବିଜ୍ ହୁସେନ୍ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଉକ୍ତ ଅଞ୍ଚଳର ବହୁ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଭତ୍ତା ପାଇ ନ ଥିବା ଅନେକ ଦିବ୍ୟାଙ୍ଗ ଭତ୍ତା ପାଇଁ ଶିବିରରେ ଆବେଦନ କରିଥିଲେ। ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା । ୧୦୨ ଜଣ ଦିବ୍ୟାଙ୍ଗ ଶିବିରରେ ଉପସ୍ଥିତ ଥିଲେ। ୩ ପଞ୍ଚାୟତର ଅଙ୍ଗନୱାଡି କର୍ମୀଙ୍କ ସମେତ ବ୍ଲକ ସୋସିଆଲ ସେକ୍‌ଶନ୍ ଅଫିସର ଓ ୱାର୍ଡ ମେମ୍ବରମାନେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ସମାବେଶ ନେଇ ବିଜେଡିର ପ୍ରସ୍ତୁତି ବୈଠକ


ବୈଠକରେ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ମାଲକାନଗିରି, ୭।୨ (ଡି.ଏନ.ଏ.)

ବିଜୁ ଯୁବ ଜନତା ଓ ବିଜୁ ଛାତ୍ର ଜନତା ଦଳର ଆସନ୍ତା ୧୧ରେ ହେବାକୁ ଥିବା ଜିଲାସ୍ତରୀୟ ସମାବେଶ ନେଇ ରବିବାର ମାଲକାନଗିରି ଜିଲା ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସର୍କିଟ୍ ହାଉସ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲକାନଗିରି ଜିଲା ବିଜୁ ଜନତା ଦଳର ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ସଭାପତିତ୍ୱ କରିଥିଲେ। ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ଜିଲା ଯୁବ ସଭାପତି ଆଡମା ରାବା, ତାପସ ନାୟକ, ସାଙ୍ଗଠନିକ ସମ୍ପାଦକ ନୃସିଂହ ମହାନ୍ତି, ମନୋଜ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ୧୧ରେ ହେବାକୁ ଥିବା ଜିଲାସ୍ତରୀୟ ସମାବେଶ କିପରି ସଫଳତାର ସହ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଜିଲାସ୍ତରୀୟ ସମାବେଶରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତ ରାୟ, ରାଜ୍ୟ ଛାତ୍ର ୟୁନିୟନ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ରାଜ୍ୟ ଯୁବ ସଭାପତି ଡ. ବ୍ୟୋମକେଶ ରାୟଙ୍କ ସମେତ ଅନ୍ୟମାନେ ଯୋଗଦେବେ।

# ଶାନ୍ତି, ସଦ୍‌ଭାବନା ଯୁବ ଶକ୍ତିଙ୍କ ଲକ୍ଷ୍ୟ ହେଉ

**ଡ. ଏସ୍.ଏନ୍. ସୁବାରାଓଙ୍କ ଜୟନ୍ତୀରେ ମତ**



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

ମାଲକାନଗିରି,୭।୨ (ଡି.ଏନ.ଏ.)

ମାଲକାନଗିରି ଜଲା ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟଠାରେ ଜାତୀୟ ଯୁବ ପ୍ରକଳ୍ପର ପ୍ରତିଷ୍ଠାତା ଡ. ଏସ୍.ଏନ୍. ସୁବାରାଓଙ୍କ ୯୩ତମ ଜୟନ୍ତୀ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଆଲୋଚନାଚକ୍ର ସହ ଶାନ୍ତି ଏବଂ ସଦ୍‌ଭାବନା ଶିବିର ଅନୁଷ୍ଠିତ ହୋଇଥିଲା। ମାଲକାନଗିରି ଜିଲାର ୭ଟି ବ୍ଲକର ୫୨ ଜଣ, କୋରାପୁଟ, ନବରଙ୍ଗପୁର ଏବଂ ରାୟଗଡା ଜିଲାର ୩୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଆଲୋଚନାଚକ୍ରକୁ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ରୂପେ କାଲିମେଳା ତହସିଲଦାର ଆଲୋକ କୁମାର ଅନୁଗୁଳିଆ, ବାର୍ ଆସୋସିଏଶନ ସଭାପତି ଦୁର୍ଗା ତ୍ରିପାଠୀ ଆଲୋଚକ ରୂପେ ଯୋଗ ଦେଇଥିଲେ। ଡ. ଝିନ୍ନିସିଂ ସଂଯୋଜିକା ଦାୟିତ୍ୱ ତୁଲାଇଥିଲେ। ଯୁବ ଶକ୍ତି ହିଁ ରାଷ୍ଟ୍ର ଶକ୍ତି । ବିଶ୍ୱ କଲ୍ୟାଣରେ ଶାନ୍ତି ଓ ସଦ୍‌ଭାବନା ଯୁବଗୋଷ୍ଠୀଙ୍କ ଲକ୍ଷ୍ୟ ହେଉ ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ସରୋଜ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଜାତୀୟ ଯୁବ ପ୍ରକଳ୍ପ , ଜାତୀୟ ସେବା ଯୋଜନା, ଜୟ ମାଲକାନଗିରି, ମହାବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

# ୧୩୭ କେଜି ଗଞ୍ଜେଇ ଜବତ, ୧ ଗିରଫ

ନବରଙ୍ଗପୁର/ମଇଦଲପୁର, ୭।୨(ବି.ପ୍ର./ଡି.ଏନ୍.ଏ.)


ଜବତ କରାଯାଇଥିବା ଗଞ୍ଜେଇ।

ନବରଙ୍ଗପୁର ଜିଲା ମଇଦଲପୁର ଫାଣ୍ଡି ସମ୍ମୁଖରୁ ପୋଲିସ ଏକ ଗଞ୍ଜେଇ ବୋଝେଇ କାର୍ ଜବତ କରିଛି। କାର୍(ଓଆର୍ ୦୩ ଏଚ୍ ୧୦୪୫)ଟି ନବରଙ୍ଗପୁରରୁ ରାଉରକେଲା ଯାଉଥିଲା। ପୋଲିସ କୌଣସି ସୂତ୍ରରୁ ଖବରପାଇ ଗାଡ଼ିଟକୁ ଫାଣ୍ଡି ନିକଟରେ ଅଟକାଇଥିଲା। ଯାଞ୍ଚବେଳେ ସେଥିରୁ ଗଞ୍ଜେଇ ବାହାରିଥିଲା। ଅତିରିକ୍ତ ତହସିଲଦାର ମଧୁସୁଦନ ମାଝି ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ରହି ଗଞ୍ଜେଇ ଓଜନ କରିଥିଲେ। ଜବତ ଗଞ୍ଜେଇ ୧ କୁଇଣ୍ଟାଲ ୩୭ କେଜି ବୋଲି ଜଣାପଡ଼ିଛି। ଏହି ଘଟଣାରେ ସମ୍ପୃକ୍ତି ନେଇ ପୋଲିସ ମହମ୍ମଦ ସମି ଅଂସାରିଙ୍କୁ ଗିରଫ କରିଛି। ପାପଡ଼ାହାଣ୍ଡି ଥାନାଧିକାରୀ ଶୁଭେନ୍ଦୁ ଶବର, ଏସ୍‌ଡିପିଓ ଆଦିତ୍ୟ ସେନ୍ ଓ ଏଏସ୍‌ଆଇ ଅନାମୁଦିଆନ ଚଢ଼ାଉବେଳେ ଉପସ୍ଥିତ ଥିଲେ।

# କାମରେ ଆସୁନାହିଁ ପାଣି ଟାଙ୍କି

ବୈପାରିଗୁଡ଼ା,୭।୨ (ଡି.ଏନ୍.ଏ.)

- ପ୍ରତିଦିନ ଏଠାରେ ଶତାଧିକ ଲୋକଙ୍କ ସମାଗମ ହୁଏ
- ଫଟା ଟାଙ୍କି ବସାଯାଇଥିବା ଅଭିଯୋଗ
- ଗ୍ରାମବାସୀଙ୍କୁ ଦୋଷ ଦେଲେ ଏସ୍‌ଡିଓ


ଛକରେ ଥିବା ପାଣି ଟାଙ୍କି।

କୋରାପୁଟ ଜିଲା ବୈପାରୀଗୁଡା ମୁଖ୍ୟ ଛକ ସମେତ ୬ଟି ଜନଗହଳି ସ୍ଥାନରେ ଗତ କିଛି ମାସ ତଳେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପିଇବା ପାଣି ଯୋଗାଇବା ଲାଗି ପାଣି ଟାଙ୍କି ବ୍ୟବସ୍ଥା କରାଯାଇଛି । ତେବେ ସେଗୁଡିକ ମଧ୍ୟରୁ ୨ଟି ଜାଗାରେ ପାଣିଟାଙ୍କି କାମ କରୁନାହିଁ। ମୁଖ୍ୟ ଛକଠାରେ ଥିବା ଯାତ୍ରୀ ବିଶ୍ରାମାଗାରକୁ ଲାଗି ରହିଥିବା ପାଣି ଟାଙ୍କି ଅଳିଆ ଆବର୍ଜନା ମଧ୍ୟରେ ରହିଛି । ଟାଙ୍କିଟି ୮ ମାସ ତଳେ ବସାଯାଇଥିବା ବେଳେ ଏପର୍ଯ୍ୟନ୍ତ ମୁନ୍ଦେ ପାଣି ବାହାରିବା ଲୋକେ ଦେଖିନାହାନ୍ତି। ଏହି ଛକ ନିକଟରେ କୌଣସି ନଳକୂପ ଅବା କୂଅ ନାହିଁ । ପ୍ରତିଦିନ ଶତାଧିକ ଜନସାଧାରଣ ବିଭିନ୍ନ କାମରେ ଯିବାକୁ ଏଠାକୁ ଆସି ବିଶ୍ରାମାଗାରଠାରେ ବସ୍‌କୁ ଅପେକ୍ଷା କରିଥାନ୍ତି। ଛକରେ ଥିବା ଦୋକାନୀ ଓ ବସ୍ ଯାତ୍ରୀଙ୍କ ଉଦ୍ଦେଶ୍ୟରେ ଏଠାରେ ପାଣିଟାଙ୍କି ବସାଯାଇଥିଲା। ଉକ୍ତ ଟାଙ୍କିକୁ ଆଦୌ ପାଣି ଉଠୁନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଫଟା ଟାଙ୍କି ବସାଯାଇଥିବା ମଧ୍ୟ ଅନେକେ ଅଭିଯୋଗ କରୁଛନ୍ତି। ସେହିପରି ପଞ୍ଚମେଶ୍ୱର ମନ୍ଦିର ପାଖରେ ଥିବା ଅନ୍ୟ ଏକ ପାଣି ଟାଙ୍କିରେ ପ୍ରଥମେ ପାଣି ଆସୁଥିଲା। ଏବେ କିଛି ମାସ ହେଲା ପାଣି ନାହିଁ । ଏ ସମ୍ପର୍କରେ ସ୍ଥାନୀୟ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଏସ୍‌ଡିଓ ବିକେତ ମାଝିଙ୍କୁ ପଚାରିବାରୁ ସେ ନିଜ ମୁଣ୍ଡରୁ ଦୋଷ ଛଡାଇ ଗ୍ରାମବାସୀଙ୍କୁ ଦାୟୀ କରିଛନ୍ତି। ଲୋକେ ଟାଙ୍କିକୁ ସଂଯୋଗ ହୋଇଥିବା ପାଇପକୁ କାଟି ଦେଉଛନ୍ତି। ଯାହା ଫଳରେ ପାଣି ଯାଉ ନ ଥିବା ସେ କହିଥିଲେ ।

ଧରିତ୍ରୀ
DHARITRI
ରାୟଗଡ଼ା, ସୋମବାର, ଫେବୃୟାରୀ ୮, ୨୦୨୧

## ଅତିରିକ୍ତ ତହସିଲଦାରଙ୍କ ହୃଦ୍‌ଘାତରେ ମୃତ୍ୟୁ

ମୁନିଗୁଡ଼ା,(ଡି.ଏନ୍.ଏ.): ମୁନିଗୁଡ଼ାର ଅତିରିକ୍ତ ତହସିଲଦାର ଜନତା ଭୂୟାଁ(୫୫)ଙ୍କ ରବିବାର ସନ୍ଧ୍ୟାରେ ହୃଦଘାତରେ ପରଲୋକ ଘଟିଛି। ନିଜର କର୍ତ୍ତବ୍ୟ ପ୍ରତି ନିଷ୍ଠା ଏବଂ ଉତ୍ତମ ସ୍ୱାଭବ ପାଇଁ ସେ ପରିଚିତ ଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

**ସଂକ୍ଷେପରେ**

## ଭାସ୍କର ଏକାଡେମୀ କୋରାପୁଟ ବିଜୟୀ

କ.ନୂଆଗାଁ,୭ା୨(ଡି.ଏନ୍.ଏ.): କ.ନୂଆଗାଁ ବ୍ଲକ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ଏମ୍ଏଲ୍ଏ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ଶନିବାର ପଞ୍ଚମ ଦିନ ମ୍ୟାଚ ନୀତା ଅମ୍ବାନୀ କ୍ଲବ୍ ପୁରୀ ଓ ଭାସ୍କର ଏକାଡେମୀ କୋରାପୁଟ ମଧରେ ହୋଇଥିଲା। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଓ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମ୍ୟାଚ ଜିତି ଭାସ୍କର ଏକାଡେମୀ କ୍ଲବ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ପୁରୀର ପିଣ୍ଟୁ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ବାଲିଗୁଡା ବିଧାୟକ ଚକ୍ରମଣି କହଁର, ପରିଚାଳନା କମିଟି ସଭାପତି କୃଷ୍ଣ ମୋହନ ପାଣିଗ୍ରାହୀ, ଟିକାବାଲି ବ୍ଲକ ଅଧକ୍ଷା ସୁଚିତ୍ରା ପ୍ରଧାନ, ନୂଆଗାଁ ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା, ଏମ୍‌ପି ପ୍ରତିନିଧି ବାସୁଦେବ ପଣ୍ଡା, ଶହଦେବ ପାତ୍ର, ସମ୍ପାଦକ ହିତେଶ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶ୍ୟାମସୁନ୍ଦର ସାହା, କାମାକ୍ଷା ପ୍ରଧାନ, ରାକେଶ କୋଠଦଳାଇ, ତନ୍ମୟ ବିଷୋୟୀ ମ୍ୟାଚ ପରିଚାଳନା କରିଥିଲେ।

## ଖୁଣ୍ଟକୁ ପିଟିଲା ବାଇକ୍, ଚାଳକ ମୃତ

ପାପଡାହାଣ୍ଡି,୭ା୨,(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ତୁମ୍ବର୍ଲ୍ଲା ପଞ୍ଚାୟତ ଅଧୀନ ଝିଟିକିଗୁଡ଼ା ଜାତୀୟ ରାଜପଥରେ ବାଇକ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ କଣ୍ଟିସରପୋଧ ଗ୍ରାମର ଶରତ ଚନ୍ଦ୍ର ଜେନାଙ୍କ ପୁଅ ଅନ୍ତର୍ଯାମୀ(୨୫) ୧୫ଦିନ ତଳେ ସମ୍ପର୍କୀୟ ଘର ପାପଡ଼ାହାଣ୍ଡି ଆସିଥିଲେ। ଶନିବାର ସେ କୌଣସି କାମରେ ତୁମ୍ବର୍ଲ୍ଲା ଯାଇଥିଲେ। ବାଇକ୍‌ରେ ଫେରିବା ସମୟରେ ରାତିରେ ଝିଟିକିଗୁଡ଼ା ରାଜପଥଠାରେ ଭାରସାମ୍ୟ ହରାଇ ଏକ ଖୁଣ୍ଟକୁ ଧକ୍କା ଦେଇଥିଲେ। ଏଥିରେ ସେ ଗୁରୁତର ହୋଇଥିଲେ। ଘରକୁ ନ ଫେରିବା ଏବଂ ଫୋନ୍ ନ ଉଠାଇବାରୁ ସମ୍ପର୍କୀୟ ତାଙ୍କୁ ଖୋଜିବାକୁ ଯାଇଥିଲେ। ଝିଟିକିଗୁଡା ଏନ୍ଏଚ୍ କଡ଼ରେ ଅନ୍ତର୍ଯାମୀ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି ତୁରନ୍ତ ଗାଡ଼ିରେ ନେଇ ତାଙ୍କୁ ପାପଡ଼ାହାଣ୍ଡି ସିଏଚ୍‌ସିରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

## ରାୟଗଡ଼ା ଜିଲାରେ ବ୍ୟାଡମିଣ୍ଟନ ଉନ୍ନତି ଉପରେ ଗୁରୁତ୍ୱ



ରାୟଗଡ଼ା ଅଫିସ,୭ା୨: ଓଡ଼ିଶା ଷ୍ଟେଟ୍ ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ୬ଷ୍ଠ ଜୋନ୍‌ର ଏକ ବୈଠକ ରାୟଗଡ଼ା ଇନ୍‌ଡୋର୍ ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଡ୍‌ମିଣ୍ଟନର ଉନ୍ନତି ସକାଶେ ଓଡ଼ିଶାର ପ୍ରତ୍ୟେକ ଜିଲାକୁ ୮ଟି ଜୋନ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଜୋନ୍‌ରେ ଜୋନାଲ ମୁଖ୍ୟଙ୍କୁ ନିଯୁକ୍ତ କରାଯାଇଛି। ରାୟଗଡ଼ାକୁ ୬ ନମ୍ବର ଜୋନ୍‌ରେ ରଖାଯାଇଛି। ରାୟଗଡ଼ା, କୋରାପୁଟ, ଗଜପତି ଓ ମାଲକାନଗିରି ଜିଲାକୁ ନେଇ ୬ ନଂ. ଜୋନ୍ ଗଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଆଇଟିଡିଏ ପିଏ ଟୁକୁ ବାରିକ, ସେଞ୍ଚୁରିଅନ୍ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ରାଜେଶ ପାଢ଼ୀ, ଜିଲା କ୍ରୀଡ଼ାଧିକାରୀ ଶେଖ ଅଲିନୁର ପ୍ରମୁଖ ମଞ୍ଚାସୀନ ଥିଲେ। ଜୋନ ୬ର ମୁଖ୍ୟ ଶୈଳେନ୍ଦ୍ର ଚୈଧୁରୀ ଏବଂ ଜୟରାମ ବର୍ମା, ରାଜ୍ୟ ଉନ୍ନୟନ କମିଟିର ସଦସ୍ୟ ସ୍ମୃତି ରଞ୍ଜନ ବେହେରା, ଜୋନାଲ ସଂଯୋଜକ ଗିରିଶ୍ ବେହେରା, ରାୟଗଡ଼ା ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ସଭାପତି ଏନ୍. ନାରାୟଣ ରାଓ , ସମ୍ପାଦକ ସୁରେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରାୟଗଡ଼ା ଜିଲାରେ ବ୍ୟାଡ୍‌ମିଣ୍ଟନର କିଭଳି ଉନ୍ନତି ହେବ ଏବଂ ଜିଲାର ଖେଳାଳି ଏହି ଖେଳ ପ୍ରତି ଆକୃଷ୍ଟ ହେବେ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏ ନେଇ ଜିଲାର ପ୍ରତ୍ୟେକ ବ୍ଲକ୍‌କୁ ନେଇ କମିଟି ଗଠନ କରାଯାଇଛି। ଏହି କମିଟି ଖେଳ ନେଇ ସଚେତନ କରିବ।

# ସ୍କୁଲ ଲାଇବ୍ରେରି ପୁସ୍ତକ କିଣାରେ ଅନିୟମିତତା

■ ଡିଇଓଙ୍କ ନାଁରେ ଏତଲା
■ ସରକାରୀ ଗାଇଡ୍‌ଲାଇନ୍‌କୁ ସମ୍ପୂର୍ଣ୍ଣ ଅଣଦେଖା

ନବରଙ୍ଗପୁର, ୭ା୨(ବି.ପ୍ର.)

ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଲାଇବ୍ରେରିକୁ ପୁସ୍ତକ ଯୋଗାଇବା ନିମନ୍ତେ ସରକାରଙ୍କ ପକ୍ଷରୁ ଜିଲା ଶିକ୍ଷା ବିଭାଗକୁ ଅନୁଦାନ ଯୋଗାଇ ଦିଆଯାଇଥିଲା। ପୁସ୍ତକ କିଣାରେ ଚଞ୍ଚକତା କରାଯାଇ ବ୍ୟାପକ ବାଟମାରଣା କରାଯାଇଥିବା ଅଭିଯୋଗ ହୋଇଥିଲା। ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଡିଆର୍‌ଡିଏ ପିଡି ରମାକାନ୍ତ ନାୟକ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଏକ ଆର୍‌ଟିଆଇ ରିପୋର୍ଟ ଆଧାରରେ ଆଇନଜୀବୀ ମୃତ୍ୟୁଞ୍ଜୟ ମହାରଣା ନବରଙ୍ଗପୁର ଥାନା ଡିଇଓ ଚନ୍ଦ୍ରଶେଖର ପାଣିଗ୍ରାହୀଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏଥିସହ ଅଭିଯୋଗପତ୍ର ଜୟପୁରସ୍ଥିତ ଭିଜିଲାନ୍ସ ଏସ୍‌ପି, ୫-ଟି ସଚିବ ଏବଂ ଓଡ଼ିଶା ଲୋକାୟୁକ୍ତଙ୍କୁ ପ୍ରେରଣ କରିଛନ୍ତି।

ବିଦ୍ୟାଳୟଗୁଡ଼ିକୁ ପୁସ୍ତକ ଯୋଗାଇବା ପାଇଁ ୧୮ ଫେବୃୟାରୀ ୨୦୧୯ରେ ୧୯ ଲକ୍ଷ ୧୦ ହଜାର ଏବଂ ୭୪ ଲକ୍ଷ ୧୨ହଜାର ଟଙ୍କା ସରକାରୀ ଅନୁଦାନ ଆସିଥିଲା। ୮ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ୧୭୦ ବିଦ୍ୟାଳୟ ଓ ୧୭୩୦ ପ୍ରାଥମକ ବିଦ୍ୟାଳୟ ପାଇଁ ପୁସ୍ତକ ଯୋଗାଇବାକୁ ଅନୁଦାନ ଆସିଥିଲା। ୧୮ ଫେବୃୟାରୀ ୨୦୧୯ରେ ଚିଠି ନଂ.୧୪୯୦/୧୯ ଅନୁଯାୟୀ ଅତିରିକ୍ତ ନିର୍ଦ୍ଦେଶକ(ଯୋଜନା), ଓଏସ୍‌ଇପିଏଙ୍କ ନିର୍ଦ୍ଦେଶ ଅନୁଯାୟୀ ଡିଇଓଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ପାଇଁ ନିୟମ ରହିଥିଲା। କମିଟିର ନିଷ୍ପତ୍ତି ପରେ ଜିଲାପାଳଙ୍କ ଅନୁମୋଦନର ଆବଶ୍ୟକତା ରହିଛି। ନିୟମ ପ୍ରକାରେ ଏହି ବହିଗୁଡ଼ିକ ଏନ୍‌ସିଇଆର୍‌ଟି, ଏନ୍‌ବିଟି ଓ ରାଜ୍ୟ ସରକାରଙ୍କ ପ୍ରକାଶନ ସଂସ୍ଥା ଏସ୍‌ସିଇଆର୍‌ଟି ଠାରୁ କିଣାଯିବାକୁ ନିର୍ଦ୍ଦେଶ ରହିଥିଲା। କୌଣସି ଘରୋଇ ପ୍ରକାଶନ ସଂସ୍ଥାଠାରୁ ବହି କିଣିବା ଅନୁମତି ନାହିଁ। ବିଜ୍ଞାନ ସୁପରଭାଇଜର ଅକ୍ଷୟ ସ୍ୱାଇଁ ପୁସ୍ତକ କ୍ରୟ କମିଟିର ସଦସ୍ୟ ରହିଛନ୍ତି। ତେବେ ଛତିଶଗଡ଼ ସରକାରଙ୍କ ଭଳି ଓଡ଼ିଶାରେ ବହି କିଣାରେ କୌଣସି ନିୟମ ରଖାଯାଇନାହିଁ। ୨୦୧୯ ଡିସେମ୍ବର ୨୧ରେ କମିଟିର ନିଷ୍ପତ୍ତି ପ୍ରକାରେ ମନୋନୀତ ୪୯୭ଟି ବହି ପ୍ରକାଶନ ସଂସ୍ଥାରୁ ପୁସ୍ତକ କିଣାଯାଇଛି। ତେବେ ଜିଲାପାଳଙ୍କୁ ଅନ୍ଧାରରେ ରଖି ଓଏସ୍‌ଇପିଏ ଗାଇଡଲାଇନର ଖିଲାପ କରାଯାଇଛି। ତେବେ ଏନ୍‌ସିଇଆର୍‌ଟି, ଏନ୍‌ବିଟି ଓ ଏସ୍‌ସିଇଆର୍‌ଟି ସଂସ୍ଥାକୁ ଯୋଗାଯୋଗ କରା ନ ଯାଇ ପୁସ୍ତକ କିଣାଯାଇଛି । ୯୩ ଲକ୍ଷ ୨୨ ହଜାର ଟଙ୍କାର ଅନିୟମିତତା କରାଯାଇ ପୁସ୍ତକ କିଣାଯାଇଛି। ପୁସ୍ତକ କିଣିବା ପାଇଁ ଟେଣ୍ଡର କିମ୍ବା ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମୋଦନ ନିଆଯାଇ ନ ଥିବା ଜଣାପଡ଼ିଛି। ଡିଇଓଙ୍କ ସମେତ ପୁସ୍ତକ କ୍ରୟ କମିଟି ଏହି ଅନିୟମିତତାରେ ସମ୍ପୂର୍ଣ୍ଣ ଦାୟୀ ବୋଲି ଡିଆର୍‌ଡିଏ ପିଡି ୨୦୨୦ ସେପ୍ଟେମ୍ବର ୧୪ରେ ଜିଲାପାଳଙ୍କୁ ଦେଇଥିବା ତଦନ୍ତ ରିପୋର୍ଟରେ ଦର୍ଶାଇଛନ୍ତି। ଏହାମଧରେ ଡିଇଓଙ୍କୁ କୈଫିୟତ ମଗାଯାଇଥିଲା। ହେଲେ ସେ କୈଫିୟତ ଦେଇ ନ ଥିଲେ। ଏ ବିଷୟରେ ଚିଠି ସଂଖ୍ୟା ୫୩୮୭ରେ ୨୦୨୦ ଅକ୍ଟୋବର ୨୦ ତାରିଖରେ ପୁନର୍ବାର ପିଡି ଜିଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି ଯେ, ଡିଇଓଙ୍କୁ କୈଫିୟତ ମଗାଯାଇଥିଲେ ମଧ ଠିକ୍ ଉତ୍ତର ଦେଇପାରି ନ ଥିଲେ। ତେଣୁ ପୁସ୍ତକ କିଣାରେ ଅନିୟମିତତା ନେଇ ସ୍ପଷ୍ଟ ହୋଇଥିବା ଜଣାପଡୁଛି ବୋଲି ସେ ଦର୍ଶାଇଛନ୍ତି। ଏହି ଘଟଣାକୁ ନେଇ ରବିବାର ମୃତ୍ୟୁଞ୍ଜୟ ମହାରଣା ଡିଇଓଙ୍କ ବିରୋଧରେ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ନବରଙ୍ଗପୁର ପୋଲିସ ଅଭିଯୋଗ ଗ୍ରହଣ କରିଛନ୍ତି। ଏତଲା ଦେବା ସମୟରେ ଭାଜପା ନେତା ଗୌରୀ ଶଙ୍କର ମାଝି, ନଗର ସଭାପତି ପିଣ୍ଟୁ ମିଶ୍ର ଓ ସନାତନ ବିଷୋୟୀ ମଧ ଉପସ୍ଥିତ ଥିଲେ।



ନବରଙ୍ଗପୁର ଥାନାରେ ଏତଲା ଦିଆଯାଉଛି।

# ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଅମଲା ସଂଘ ଜିଲା ଶାଖା ବୈଠକ**

ନବରଙ୍ଗପୁର,୭ା୨(ବି.ପ୍ର.)

ଓଡ଼ିଶା ଅମଲା ସଂଘ ନବରଙ୍ଗପୁର ଶାଖା ପକ୍ଷରୁ ନିଳଗିରି ବନଠାରେ ରବିବାର ଏକ ବନ୍ଧୁମିଳନ ଉତ୍ସବ ତଥା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସୁଦୃଢ଼ କରିବା ସହ ଅମଲା ମାନଙ୍କ ନ୍ୟାର୍ଯ୍ୟ ଦାବି ଓ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଅର୍ଥ ରାଶି ତଥା ଗ୍ରେଡ୍ ପେ' ବଢ଼ାଇବା ଦାବି ଏ ଯାଏ ପୂରଣ ହୋଇନାହିଁ। ଘର ଭଡ଼ା ବବଦକୁ ୧୦ ଟଙ୍କା ଭିତରେ ଦିଆଯାଉଛି। ସଦର ଅଞ୍ଚଳରେ ୫ ହଜାର ନ ଦେଲେ ଘର ଭଡ଼ା ମିଳୁନି। ସେହିପରି ୩ ବର୍ଷ ବିତିଯାଇଥିଲେ ମଧ ଅନେକ ବିଭାଗରେ ପଦବୀ ଖାଲି ପଡ଼ିଛି। ଅନେକ ପଦବୀର ନାମ ସେକ୍ସନ ସହ ସେକ୍ସନ ଅଧିକାରୀ, କନିଷ୍ଠ ସହଯୋଗୀ ଭାବେ ପରିବର୍ତ୍ତନ କରଯାଇଛି। ଜିଲା ସ୍ତରୀୟ ଅମଲାଙ୍କ ଏମ୍ଏସ୍‌ପି, ପଦୋନ୍ନତି ନେଇ ଅନେକ ଥର ସରକାରଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ ଗୁରୁତ୍ୱ ଦିଆଯାଉନି। ଅମଲାମାନେ ୫-ଟିସମେତ ଅନେକ ଯୋଜନାର ସଫଳ ରୂପାୟନ କରି ଆସୁଛନ୍ତି। ତୃଣମୂଳ ସ୍ତରରୁ କାର୍ଯ୍ୟ କରିଆସୁଥିବା ଅମଲାଙ୍କ ପ୍ରତି ସରକାର କଣ କରିଛନ୍ତି ବୋଲି ସଭାପତି ବୁଲୁ ହୋତା ଏଠାରେ ପ୍ରଶ୍ନ କରିଛନ୍ତି। ଏଥିସହ ସରକାର ଅମଲାଙ୍କ ଦାବିଗୁଡ଼ିକୁ ହୃଦୟଙ୍ଗମ କରି ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସଂଘ ଦାବି କରିଛି। ଏହା ପୂରଣ ନ ହେଲେ ଆଗାମୀ ଦିନରେ ୩୦ ଜିଲାରେ ସରକାରୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରି ରାଜରାସ୍ତାକୁ ଓହ୍ଲାଇବେ। ଏଥିପାଇଁ ସରକାର ଦାୟି ରହିବେ ବୋଲି ସଂଘ ଚେତାବନି ଦେଇଛି। ଜିଲାର ବିଭିନ୍ନ ବ୍ଲକ୍‌ର ସମସ୍ତ ବିଭାଗରେ କାର୍ଯ୍ୟରତ ଅମଲା ଏହି ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସାମିଲ ଥିଲେ। ସଂଘର ଅଧକ୍ଷ କୈଳାଶ ସାମନ୍ତରା ବୈଠକରେ ଅଧକ୍ଷତା କରିଥିଲେ। ଦଣ୍ଡପାଣି ପଢ଼ିଆରୀ ଏହାର ପରିଚାଳନା କରିଥିଲେ। ସତ୍ୟ ନାରାୟଣ ଖଡ଼ଗରାୟ, ସଞ୍ଜୀବ ସାହୁ, ପ୍ରଦୀପ ଦଳେଇ, ଯାଦବ ନାୟକ, ସିଦ୍ଧେଶ୍ୱର ବେହ୍ୟା, ମୋନାଲିସା ମାଝି, ସମୀର ବିଶୋୟୀ, ବୈକୁଣ୍ଠ ନାୟକ, କୈଳାଶ ପଟ୍ଟନାୟକ ଓ ରାମ ପଣ୍ଡା ସହଯୋଗ କରିଥିଲେ।




ଅମଲା ସଂଘ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ଫାଣ୍ଡିଠାରୁ ଅଳ୍ପ ଦୂରରେ ଚାଲିଛି କୁକୁଡ଼ାଗାଲି

**ଖୁଡ୍‌ଖୁଡ଼ି ସହ ମଦ କାରବାର ଅଭିଯୋଗ**



ଲୋକମାନେ କୁକୁଡା ଲଢ଼େଇ ଦେଖୁଛନ୍ତି।

ବୈପାରିଗୁଡା, ୭ା୨ (ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗୁଡା ଥାନା ଅଧୀନ ରାମଗିରି ଫାଣ୍ଡି ଅଞ୍ଚଳରେ କୁକୁଡା ଲଢେଇ ସହ ଜୁଆଖେଳ ଓ ମଦ କାରବାର ଚାଲିଥିବା ନେଇ ଅଭିଯୋଗ ହେଉଛି । ଫାଣ୍ଡି ଅନ୍ତର୍ଗତ କାନ୍ଦୁଲବେଢା, ପାଣ୍ଡକାଖାରି, ବଡପଡା,ଡଣ୍ଡାବାଡି, ମାଠପଡା, ଦୋରାଗୁଡା, ଖଡକିଗୁଡା ଏ. ଶିଶିଆଗୁଡା ଆଦି ସ୍ଥାନରେ ପ୍ରତି ସାହରେ ୩ ଦିନ କୁକୁଡାଗାଲି ଖେଳ ହେଉଛି। ଏନେଇ ମେଳା ଆୟୋଜନ ହେଉଛି । ଏଥିରେ ଶତାଧିକ ଲୋକ ସାମିଲ ହେଉଛନ୍ତି। ମେଳାରେ ଖୋଲାଖୋଲି ଭାବେ ଗଞ୍ଜା ଲଢେଇ ସାଙ୍ଗକୁ ଜୁଆଖେଳ, ମାଦକ ଦ୍ରବ୍ୟ ବିକ୍ରି ହେଉଛି । ଫାଣ୍ଡିଠାରୁ ମାତ୍ର ଅଳ୍ପ ଦୂରରେ କାନ୍ଦୁଲବେଢା, ବଡପଡା ଓ ପାଣ୍ଡକାଖାରି ରହିଛି। ସେଠାରେ ଏପରି କାର୍ଯ୍ୟ ଚାଲିଥିଲେ ମଧ ପୋଲିସ ଜାଣି ନ ଜାଣିବାପରି ରହୁଛି। ଫଳରେ ରାମଗିରି ଅଞ୍ଚଳରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧିପାଉଛି । ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ପ୍ରଶାନ୍ତ ନିଶକଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଏପରି ଖେଳ ଉପରେ ଚଢାଉ କରାଯିବ ବୋଲି କହିଥିଲେ।

## ଆର୍‌ସିସିକୁ ହରାଇ ରେଡ ଡ୍ରାଗନ୍ ଚାମ୍ପିୟନ

### ଟେନିସ୍ ବଲ୍ କ୍ରିକେଟ ଟୁର୍ନାମେଣ୍ଟ

ଗୁଣପୁର,୭ା୨(ଡି.ଏନ.ଏ)

ରାୟଗଡ଼ା ଜିଲା ଗୁଣପୁର ମିନି ଷ୍ଟାଡିୟମରେ ବଂଶଧାରା ବସନ୍ତ ମହୋତ୍ସବ ଲାଗି ଚାଲିଥିବା ସୋମନାଥ ମେମୋରିଆଲ ଟେନିସ୍ ବଲ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଡ୍ ଡ୍ରାଗନ୍ ଦଳ ବିଜୟୀ ଚାମ୍ପିୟନ ହୋଇଛି। ଆର୍‌ସିସି ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୭୪ ରନ କରିଥିଲା। ୭୫ ରନ୍‌ର ବିଜୟ ଲକ୍ଷ୍ୟ ନେଇ ରେଡ ଡ୍ରାଗନ୍ ଦଳ ୧୧.୧ ଓଭରରେ ୫ ଉଇକେଟ ହରାଇ ୭୬ ରନ କରି ଚାମ୍ପିୟନ ହୋଇଥିଲା। ଏନ୍.ଭୂୟାଁ ଏବଂ ଲକି ଅମ୍ପାୟାରିଂ କରିଥିବାବେଳେ ସ୍କୋରର ଭାବେ ସୁରେଶ ଦାସ ରହିଥିଲେ। ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟ ଆରମ୍ଭ କରିଥିବାବେଳେ ନବ ନିର୍ମାଣ ସମିତିର ଅଧକ୍ଷ ଅକ୍ଷୟ ଦାସ ଉପସ୍ଥିତ ଥିଲେ।

# ଆକଳନଠାରୁ ୫୭୩୬ କୁଇଣ୍ଟାଲ ଅଧିକ ଧାନ ଗଚ୍ଛିତ

**ରାଇସ୍ ମିଲ୍ ସିଲ୍ ଘଟଣା**

ନବରଙ୍ଗପୁର,୭ା୨(ବିପ୍ର.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ଖୁଣ୍ଟିଆ ନିକଟ ନରସିଂହ ରାଇସ ମିଲ୍‌ରେ ଅଧିକ ଧାନ ଗଚ୍ଛିତ ନେଇ ୫ତାରିଖରେ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଥିଲା। ଏହି ଘଟଣାରେ ତଦନ୍ତବେଳେ ମିଲରେ ଅଧିକ ଧାନ ଓ ଚାଉଳ ଗଚ୍ଛିତ ଥିବା ନେଇ ପ୍ରଶାସନକୁ ମିଳିଛି। କାଗଜ ପତ୍ର ଯାଞ୍ଚବେଳେ ରାଇସ୍ ମିଲ୍‌ରେ ୫୭୩୬ କୁଇଣ୍ଟାଲ ଧାନ ଓ ୮୬୧.୭୨ କୁଇଣ୍ଟାଲ ଉଷୁନା ଚାଉଳ ଥିବା ଜଣାପଡ଼ିଥିଲା। ତେବେ ମିଲ୍‌ରେ ସରକାରୀ ଧାନଠାରୁ ଅଧିକ ଗଚ୍ଛିତ ଥିବା ନେଇ ପ୍ରମାଣ ମିଳିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଉପଜିଲାପାଳ ଭାସ୍କର ରଇତ ମିଲ୍‌ରେ ଚଢ଼ାଉ କରିଥିଲେ। ଆବଶ୍ୟକ କାଗଜ ପତ୍ର ଦେଖାଇ ନ ପାରିବାରୁ ମିଲ୍‌କୁ ସିଲ୍ କରାଯିବା ସହ ୨ ଦିନ ଧରି ଯାଞ୍ଚ କରାଯାଇଥିଲା। ଉକ୍ତ ମିଲ୍‌ରେ ଉଷୁନା ଓ ଅରୁଆ ୨ଟି ୟୁନିଟ ରହିଛି। ଏ ନେଇ ଉପଜିଲାପାଳଙ୍କୁ ପଚାରିବାରୁ ସେ କହିଛନ୍ତି, ଉଠାଇଥିବା ଧାନରୁ ଅଧିକ ୫୭୩୬ କୁଇଣ୍ଟାଲ ଧାନ ମିଲ୍‌ରେ ରହିଥିଲା। ଏହାର ଆବଶ୍ୟକ କାଗଜ ପତ୍ର ମିଲ୍ ମାଲିକ ଦେଖାଇ ପାରି ନ ଥିଲେ। ସେହିପରି ଅଧିକ ୮୬୧.୭୨ କୁଇଣ୍ଟାଲ ଉଷୁନା ଚାଉଳ ମଧ ମହଜୁଦ ରହିଥିଲା। ଏଠାରୁ ଉଷୁନା ଚାଉଳ ବାହାରକୁ ପଠାଉଥିଲେ ବୋଲି ସେ କହିଛନ୍ତି। ତେଣୁ ଉଷୁନା ଚାଉଳ ସହ ଗୋଟିଏ ଟ୍ରକ୍ ରହିଥିବାରୁ ଉକ୍ତ ଟ୍ରକ୍‌କୁ ବି ଅଟକ ରଖାଯାଇଛି। ତଦନ୍ତର ସମସ୍ତ ରିପୋର୍ଟ ଜିଲାପାଳଙ୍କ ନିକଟରେ ଦାଖଲ ହେବ ବୋଲି ଉପଜିଲାପାଳ କହିଛନ୍ତି। ତେବେ ଉଷୁନା ଚାଉଳ ୟୁନିଟ୍‌କୁ ବନ୍ଦ ରଖି କେବଳ ଅରୁଆ ଚାଉଳ ୟୁନିଟ ଚାଲୁ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

# ଅଣ ଗେଜେଟେଡ୍ ବନ ସେବା ସଂଘର ବାର୍ଷିକ ସମ୍ମିଳନୀ




ବାର୍ଷିକ ସମ୍ମିଳନୀରେ ଉପସ୍ଥିତ ଅତିଥି।

ଉମରକୋଟ,୭ା୨(ସ୍ୱ.ପ୍ର.)

ଉମରକୋଟ ବନବିଭାଗ ବଙ୍ଗଳା ପରିସରରେ ବିଭାଗ ପକ୍ଷରୁ ୯ମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ବନଖଣ୍ଡ ଅଧିକାରୀ ମଗର ଧନଜୀ ରାଓସୋ ଯୋଗଦେଇ କର୍ମଚାରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭାଗର ମୃତ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାଥନା କରାଯାଇଥିଲା। ସେହିପରି ସମ୍ମାନିତ ଅତିଥିଭାବେ ରାଜ୍ୟ ଅଧକ୍ଷ ଜଗବନ୍ଧୁ ପାତ୍ର, ରାଜ୍ୟ ସଭାପତି ଗୌରୀ ଶଙ୍କର ସାହୁ, ରାଜ୍ୟ ସମ୍ପାଦକ ସମୀର କୁମାର ବେହେରା, ରାଜ୍ୟ କୋଷାଧକ୍ଷ ଶ୍ରୀଚନ୍ଦନ ଯୋଗ ଦେଇଥିଲେ। ଆଜୀବନ ସଦସ୍ୟ ପ୍ରତାପ କୁମାର ଭୂୟାଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ମିଳନୀରେ କୋରାପୁଟ, ରାୟଗଡ଼ା, ମାଲକାନଗିରି, କଳାହାଣ୍ଡି ଶାଖାର ମୁଖ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ତଳସ୍ତରର କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଏଠାରେ ମୁଖ୍ୟ ଅତିଥିଙ୍କ ନିକଟରେ ଉପସ୍ଥାପନ କରିଥିଲେ। ସେହିପରି ସଂଘ କିପରି ସୁଦୃଢ଼ ହୋଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଜିଲା ସଭାପତି ଭାବେ ମଳୟ ରଞ୍ଜନ, ଉପ ସଭାପତି ଭାବେ କୃଷ୍ଣ ବିଶୋଇ, ସମ୍ପାଦକ ରୂପେ ଗୋବିନ୍ଦ ନାୟକ, ଉପ ସମ୍ପାଦକ ଭାବେ ଲାଲୁ ବିଶୋଇ, ସହ ସମ୍ପାଦକ ଦୀପକ ପ୍ରଧାନ, କୋଷାଧକ୍ଷ ରୂପେ ସ୍ଥିତିପ୍ରଜ୍ଞା ତ୍ରିପାଠୀଙ୍କୁ ଚୟନ କରାଯାଇଛି।

# ବ୍ଲକ୍‌ସ୍ତରୀୟ ଅଧିକାରୀ, କର୍ମଚାରୀଙ୍କୁ ଟିକା

ଉମରକୋଟ/କୋଷାଗୁମୁଡ଼ା, ୭ା୨(ସ୍ୱ.ପ୍ର./ଡି.ଏନ୍.ଏ.)

ଉମରକୋଟ ବ୍ଲକ୍‌ରେ ରବିବାର ଆଗଧାଡ଼ିର କରୋନା ଯୋଦ୍ଧାଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହୋଇଛି। ଏଥିରେ ପୂଜାରୀଗୁଡ଼ାର ଡାକ୍ତର ଅଭୟ ଦେ, ଡା. ନିୟାମତ ଅଲ୍ଲୀ ଉପସ୍ଥିତ ରହି ଟିକା କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି। ବ୍ଲକ୍ ପରିସର ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ତହସିଲଦାର ହିମାଞ୍ଚଳ ମାଝି ଏବଂ ବିଡିଓ ଦେବୀ ପ୍ରସାଦ ଟାଲି ଶୁଭାରମ୍ଭ କରିଥିଲେ। ପ୍ରଥମେ ବିଡିଓ ଏବଂ ତହସିଲଦାର ଟିକା ନେଇଥିଲେ। ଦୁଇଟି ପର୍ଯ୍ୟାୟରେ ୪୨୦ ଯୋଦ୍ଧାଙ୍କୁ ଟିକା ଦିଆଯିବ। ରବିବାର ୨୦୦ ଜଣ ଟିକା ନେଇଥିବା ଜଣାପଡ଼ିଛି। ଏଥିରେ ବ୍ଲକ୍, ତହସିଲ ଓ ପୌର ପରିଷଦର କର୍ମଚାରୀ ଟିକା ନେବେ ବୋଲି ବିଡିଓ ସୂଚନା ଦେଇଛନ୍ତି।

ସେହିପରି ଜିଲାର କୋଷାଗୁମୁଡ଼ା ବ୍ଲକ୍‌ର ଜନ ପ୍ରତିନିଧି ଏବଂ ସରକାରୀ କର୍ମଚାରୀଙ୍କୁ ମଧ ଟିକା ପ୍ରଦାନ କରାଯାଇଛି। ପଞ୍ଚାୟତ ସମିତି କାର୍ଯ୍ୟାଳୟର କର୍ମଚାରୀ, ଥାନା, ତହସିଲ ଏବଂ ବ୍ଲକ ଅଫିସ୍‌ର ଅଧିକାରୀ ଓ କର୍ମଚାରୀ ଟିକା ନେଇଛନ୍ତି। କୋଷାଗୁମୁଡ଼ା ସିଏଚ୍‌ସିର ଡା. ସରୋଜ ଶତପଥୀ, ପ୍ରଶାନ୍ତ ମହାନ୍ତି, ଗୋଦାବରି ସାହୁ, ଗୀତା ବେହେରା, ନମିତା ମହନ୍ତ ଏବଂ ସୁଶ୍ରୀ ଭୁୟାଁଙ୍କୁ ଟିକା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ବିପିଇଓ ତ୍ରିଲୋଚନ ଛଞ୍ଚାଣ ପରିଚାଳନା କରିଥିଲେ।

# ଚାରା, ନର୍ସରୀ ପାଇଁ ଚେକ୍‌ଡ୍ୟାମ ପାଣି ବ୍ୟବହାର ବନ୍ଦ କରୁ ବିଭାଗ

■ ୧୫ ବର୍ଷ ତଳେ ହୋଇଥିଲା ଚେକ୍‌ଡ୍ୟାମ୍
■ ଗ୍ରାମବାସୀଙ୍କ ବଦଳରେ ଉପକୃତ ହେଉଛି ବନବିଭାଗ

ତେନ୍ତୁଳିଖୁଣ୍ଟି,୭ା୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ହୋଇଥିବା ବନୀକରଣ ଓ ନର୍ସରୀ ଚାରା ପ୍ରସ୍ତୁତିରେ ବନବିଭାଗ ରଖୁଥିବା ତଥ୍ୟରେ ତାଳମେଳ ରହୁନି। ବିଭାଗ ଏଥିପାଇଁ କାର୍ଲିଚୁଆ ଚେକ୍‌ଡ୍ୟାମ୍ ପାଣି ବ୍ୟବହାର କରୁଛି। ମାତ୍ର ଏ ନେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିଲ୍ କରାଯାଉଛି। ଅନ୍ୟପକ୍ଷରେ ଭାଲୁ ଆକ୍ରମଣରେ ବିଗତ ଦିନରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ତେବେ ଏ ନେଇ ବିଭାଗ ରଖୁଥିବା ମତ ହାସ୍ୟାସ୍ପଦ ବୋଲି ସାଧାରଣରେ ଆଲୋଚନା ହେଉଛି। ଉକ୍ତ ଭାଲୁ ଗ୍ରାମର ଜଣେ ସଦସ୍ୟ ହୋଇଗଲାଣି। ପ୍ରକୃତପକ୍ଷରେ ୨୦୧୯-୨୦୨୦ ବର୍ଷକ ମଧରେ ଭାଲୁ ଆକ୍ରମଣରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ୨ଜଣ ଆହତ ହୋଇଛନ୍ତି। ଦୁଇଟି ଭାଲୁ ମରିଛନ୍ତି। ବନବିଭାଗ କାର୍ଲିଚୁଁଆ ଡ୍ୟାମ୍ ଉପରେ ଚାରା ପ୍ରସ୍ତୁତି ପାଇଁ ନସରୀ କରିଛି। ଏଥିପାଇଁ ବୋର୍‌ୱେଲ ବ୍ୟବସ୍ଥା ଥିବା ବେଳେ ବୋରୱେଲ୍ ବଦଳରେ ଚେକ୍‌ଡ୍ୟାମ ପାଣି ବ୍ୟବହାର କରୁଛି। ମୋଟର ପମ୍ପ ଲଗାଇ ପାଣି ଉଠାଇ ଟ୍ୟାଙ୍କର ଦ୍ୱାରା ନେଇ ବନୀକରଣ ଓ ଚାରା ପ୍ରସ୍ତୁତରେ ଲଗାଉଛି। ଏହାର ଫଳ କାର୍ଲିଚୁଁଆ, ଗୌଡ଼ଗୁଡ଼ା ଗ୍ରାମବାସୀଙ୍କ ସହ ଗୃହପାଳିତ ପ୍ରାଣୀ ଭୋଗୁଛନ୍ତି। ଏହି ଦୁଇ ଗ୍ରାମ ପାଖରେ କୌଣସି ନାଳ କି ନଦୀବନ୍ଧ ବ୍ୟବସ୍ଥା ନ ଥିବାରୁ ୧୫ ବର୍ଷ ତଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୫ଲକ୍ଷ ଟଙ୍କା ବ୍ୟୟରେ ଚେକ୍‌ଡ୍ୟାମ କରାଯାଇଥିଲା। ଏବେ ଗ୍ରାମବାସୀଙ୍କ ବଦଳରେ ବନବିଭାଗ ଏହାଦ୍ୱାରା ଉପକୃତ ହେଉଛି। ଚେକ୍‌ଡ୍ୟାମର ଜଳ ବହୁଳ ବ୍ୟବହାର ଯୋଗୁ ଗ୍ରାମବାସୀ ଗ୍ରୀଷ୍ମ ଦିନରେ ଜଳକଷ୍ଟ ଭୋଗୁଛନ୍ତି। ଗୌଡ଼ଗୁଡା ଓ କାର୍ଲିଚୁଆ ଗ୍ରାମବାସୀଙ୍କ ପାଇଁ ଉଦ୍ଦିଷ୍ଟ ଚେକ୍‌ଡ୍ୟାମରୁ ବନୀକରଣ ଓ ଚାରା ପାଇଁ ଜଳ ନ ନେଇ ବିକଳ୍ପ ବ୍ୟବସ୍ଥା କରିବାକୁ ଚାଷୀ ସନ୍ତୋଷ ପାତ୍ରଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।



State:ODISHA District:NABARANGAPUR Block:TENTULIKHUNTI Panchayat:DIGI
Material Procured

| | | | |
|---|---|---|---|
| Work Code : CREATION SP AVENUE DIGI TO GOUDAGUDA OF NABARANGPUR RANGE(2430/DP/10370193) | | | |
| Bill No. : 10 | Bill Amount : 71750 | Bill Date : 25/05/2020 | Date of Payment : 21/07/2020 |
| Vendor name : ARJUN DALAI | | | Financial Year : 2020-2021 |
| Material | Unit Price (In Rupees) | Quantity | Amount (In Rupees) |
| Drinking water supply charges | 71750 | 1 | 71750 |

ବିଭାଗ ପ୍ରଦାନ କରୁଥିବା ପାଣି ବିଲ୍।

